# SAMPLE QUESTION PAPER (2nd TERM)
# SUMMATIVE ASSESSMENT-II, 2010- 2011
## CLASS - IX
## Sub - ODIA

**Time Allowed: 3 hours** **Maximum Marks: 80**

---

**ସୂଚ଼ନା:** ଏହି ପ୍ରଶ୍ନ ପତ୍ରରେ ଚାରୋଟି ବିଭାଗ ରହିଛି ।

| | | | | | | |
|---|---|---|---|---|---|---|
| (କ) | ପଠନ | - | Reading | - | 10 |
| (ଖ) | ଲିଖନ | - | Writing | - | 15 |
| (ଗ) | ବ୍ୟାକରଣ | - | Grammar | - | 15 |
| (ଘ) | ସାହିତ୍ୟ | - | Literature | - | 40 |

---

## 'କ' ବିଭାଗ - Section - A (10 marks)

1. ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦଟି ପାଠକରି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । (2x5=10)

ଓଡ଼ିଶାର ଧାର୍ମିକ ଓ ସାଂସ୍କୃତିକ ଇତିହାସରେ ମହାମହିମ ସମ୍ରାଟ ତୃତୀୟ ଅନଙ୍ଗଭୀମ ଦେବ ଅବିସ୍ମରଣୀୟ । ଯଯାତିକେଶରୀଙ୍କର ନିର୍ମିତ ୩୮ ହାତ ଉଚ୍ଚତା ବିଶିଷ୍ଟ ମନ୍ଦିରକୁ ତୃତୀୟ ଅନଙ୍ଗଭୀମ ଦେବ ବିଶାଳ ଶ୍ରୀମନ୍ଦିରରେ ପରିଣତ କରାଇଥିଲେ । ବଳଦେବ ପୂଜା ଉପାସନା କ୍ଷେତ୍ରରେ କୁହାଯାଏ ଯେ, ମହାପ୍ରଭୁ ପାତାଳି ହୋଇ ଯାଇଥିଲେ । ପାତାଳି ହେବାର ସମୟ ସମ୍ଭବତଃ ନବମ ଶତାବ୍ଦୀ ପରେ - ତୃତୀୟ ଅନଙ୍ଗଭୀମ ବା ଗଙ୍ଗବଂଶ ରାଜତ୍ୱର ଅଭ୍ୟୁଦୟ ପର୍ଯ୍ୟନ୍ତ । ବୌଦ୍ଧ ଧର୍ମର ପ୍ରାଧାନ୍ୟ ହେତୁ ତାହାଙ୍କୁ ପାତାଳି କରାଯାଇଥିଲା ଏବଂ ପୂଜକ ସିଦ୍ଧ ପରଂପରା କ୍ରମେ ପୂଜା କରୁଥିଲେ । ସିଦ୍ଧଦାସ ଗୋପାଳଙ୍କର ଶ୍ରୀବିଗ୍ରହ ଆବିଷ୍କାର,ସ୍ୱପ୍ନାବିଷ୍ଟ ଛଳରେ ବ୍ୟକ୍ତ କରାଯାଇ ଅଛି । ଏହି ପ୍ରସଙ୍ଗ ରାଜାଙ୍କ କର୍ଣ୍ଣଗୋଚ଼ର କରାଯାଇ ମନ୍ଦିର ନିର୍ମାଣ ଓ ମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା । ଏହି ମନ୍ଦିରରେ ରେବତୀ ଓ ବଳଦେବଙ୍କର ପୂଜା ହେଉଥିଲା । ଷାଠିଏ ହାତ ଉଚ୍ଚତାର ଏକ ରେଖା ଦେଉଳ ନିର୍ମିତ ହୋଇଥିଲା, ଯାହାର ଏକ ମଡେଲ ସଂପ୍ରତି ଇଚ୍ଛାପୁର ମନ୍ଦିରସ୍ଥ ବେଢାରେ ବିଦ୍ୟମାନ । ଉକ୍ତ ଦେଉଳର ବେଢା ଓ ନାଟ ମନ୍ଦିର ଗଜପତି ପ୍ରତାପରୁଦ୍ରଙ୍କ ରାଜତ୍ୱ କାଳରେ ଶ୍ରୀମଣ୍ଡିତ ହୋଇଥିଲା ।

ପ୍ରଶ୍ନାବଳୀ:
(i) ଯଯାତିକେଶରୀ ନିର୍ମାଣ କରିଥିବା ମନ୍ଦିରର ଉଚ୍ଚତା କେତେ ଥିଲା ?
(ii) କିଏ ଏହି ମନ୍ଦିରକୁ ଶ୍ରୀମନ୍ଦିରରେ ପରିଣତ କରାଇଥିଲେ ?
(iii) ଏହି ମନ୍ଦିରରେ କେଉଁ ଦେବାଦେବୀ ପୂଜା ପାଉଥିଲେ ?
(iv) ପ୍ରଭୁଙ୍କୁ ପାତାଳି କରାଯାଇଥିଲା କାହିଁକି ?
(v) ଉକ୍ତ ମନ୍ଦିରର ମଡେଲ ସଂପ୍ରତି କେଉଁ ମନ୍ଦିର ବେଢାରେ ବିଦ୍ୟମାନ ?

## 'ଖ' ବିଭାଗ - Section - B (15 marks)

2. ଯେକୌଣସି ଗୋଟିଏ ରଚ଼ନା ଲେଖ - (10)
(କ) ପରିବେଶ ଓ ଏହାର ସୁରକ୍ଷା ।
(ଖ) ବ୍ୟକ୍ତି ଜୀବନରେ 'କ୍ଷମା'ର ମହତ୍ୱ ।
(ଗ) ସର୍ବଶିକ୍ଷା ଅଭିଯାନ ।

3. ତୁମ ବିଦ୍ୟାଳୟରେ ଏକ ବିଜ୍ଞାନ ପ୍ରଦର୍ଶନୀର ଆୟୋଜନ କରିବା ନିମନ୍ତେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନିକଟକୁ ଏକ ଦରଖାସ୍ତ ଲେଖ । (5)

**କିମ୍ବା**

ତୁମ ଅଞ୍ଚଳର ରାସ୍ତାଘାଟର ମରାମତି ନିମନ୍ତେ ଅନୁରୋଧ କରି ମହାନଗର ନିଗମ ଅଧିକାରୀଙ୍କୁ ଏକ ଦରଖାସ୍ତ ଲେଖ ।

## 'ଗ' ବିଭାଗ - Section - C (15 marks)

4. (କ) ବ୍ୟାସବାକ୍ୟ ସହ ସମାସର ନାମ ଲେଖ । (ଯେ କୌଣସି ୫ଟିର) (5)

ମଧୁପ, ଚଉପଦୀ, ଦାସଦାସୀ, ଅଧର୍ମ, ପିଇବାପାଣି, ମାମୁଘର, କାର୍ଯ୍ୟଦକ୍ଷ ।

(ଖ) ପ୍ରଶ୍ନରେ ଦିଆଯାଇଥିବା ଶବ୍ଦର ପ୍ରତିଶବ୍ଦଟି ଉତ୍ତର ପର୍ଯ୍ୟାୟରୁ ବାଛିଲେଖ । (5)

(i) ପର୍ବତ - (କାନନ, ବାରିଦ, ଅଦ୍ରି, ପାଦପ)
(ii) ସୂର୍ଯ୍ୟ - (ସବିତା, ନିଶାକର, ଜଳଦ, ସମୀର)
(iii) ହାତୀ - (ଘୋଟକ, ଶ୍ୱାନ, ଅମ୍ବୁ, ବାରଣ)
(iv) ନଦୀ - (ରତ୍ନାକର, ଭାନୁ, ସାଗର, ତଟିନୀ)
(v) ପଦ୍ମ - (ବୃକ୍ଷ, ଜଳଦ, ବାରିଜ, ଗିରି)

(ଗ) ଶବ୍ଦ ଗୁଡ଼ିକର ଗଠନରୀତି ଦର୍ଶାଅ । (ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତରଟି ବାଛ) (5)

(i) ପାନରା - (ପାନ + ରା, ପାନ + ଅରା, ପା + ଅନରା)
(ii) ଯାଦବ - (ଯାଦ + ବ, ଯଦୁ + ଅ, ଯାଦବ + ଅ)
(iii) ଦୟାଳୁ - (ଦୟା + ଳୁ, ଦୟ + ଳୁ, ଦୟା + ଆଳୁ)
(iv) ବୈଦିକ - (ବେଦ + ଅକ, ବେଦ + ଇକ, ବୈଦ + କ)
(v) ଚାପଲ୍ୟ - (ଚପଳ + ୟ, ଚାପଲ + ୟ, ଚାପ + ଅଲ୍ୟ)

## 'ଘ' ବିଭାଗ - Section - D (40 marks)

5. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ ।

(i) ''ବିଶ୍ୱଭ୍ରାତୃତ୍ୱରେ ଶତ୍ରୁ-ମିତ୍ର, ପର-ଆପଣାର ଭେଦାଭେଦ ନାହିଁ'' - ଆଲୋଚନା କର । (7)

(ii) ମଣିଷ କିପରି ଭାଗ୍ୟର ଅଧୀନ - ପଠିତ ଦଇବ ଦଉଡ଼ି ପ୍ରବଂଧରୁ ଆଲୋଚନା କର ।

6. ସପ୍ରସଙ୍ଗ ସରଳାର୍ଥ ଲେଖ । (5)

ମଣିଷ ନିଜେ ନିଜର ଭାଗ୍ୟର ସୃଷ୍ଟିକର୍ତ୍ତା, ନିଜ ଉଦ୍ୟୋଗରେ ନିଜ ଭାଗ୍ୟ ଗଢେ ।

**କିମ୍ବା**

ବିଶ୍ୱଭ୍ରାତୃତ୍ୱ ଆଧ୍ୟାତ୍ମିକ ଭିତ୍ତିରେ ହିଁ ପ୍ରତିଷ୍ଠିତ, ମାନବ ଜାତିର ପୂର୍ଣ୍ଣ ଅଭିବ୍ୟକ୍ତିର ବିଧାୟକ ।

7. ପ୍ରଶ୍ନ ଗୁଡ଼ିକର ସଠିକ୍ ଉତ୍ତର - ଉତ୍ତର ପର୍ଯ୍ୟାୟରୁ ବାଛି ଲେଖ । (1x10=10)

(କ) ରାମଚନ୍ଦ୍ରଙ୍କର ଅଭିଷେକ ଲଗ୍ନ କିଏ ସ୍ଥିର କରିଥିଲେ ?

(i) ବଶିଷ୍ଠ, ବାମଦେବ (iii) ଭରତ, ଶତ୍ରୁଘ୍ନ
(ii) ବିଶ୍ୱାମିତ୍ର, ଜନକ (iv) ରାବଣ, ବିଭୀଷଣ

(ଖ) କିଏ ଛ' ଥର ଯୁଦ୍ଧରେ ହାରି ସପ୍ତମ ଥର ଜୟଲାଭ କରିଥିଲେ ?

| | | | |
|---|---|---|---|
| (i) | ଆଲେକ୍‌ଜାଣ୍ଡର | (iii) | ରବର୍ଟ ବ୍ରୁଶ |
| (ii) | ମାମୁଦ | (iv) | ଅଶୋକ |

(ଗ) ବିଶ୍ୱଭ୍ରାତୃତ୍ୱର ଭିତ୍ତି କାହା ଉପରେ ପ୍ରତିଷ୍ଠିତ ?

| | | | |
|---|---|---|---|
| (i) | ଧର୍ମ ଓ ସାହିତ୍ୟିକତା | (iii) | ଉଦାରତା ଓ ନୀରବତା |
| (ii) | ସଙ୍ଗୀତ ଓ ମାନବିକତା | (iv) | ବିଶ୍ୱପ୍ରେମ ଓ ସମଦର୍ଶିତା |

(ଘ) ଓଡ଼ିଆ ଭାଗବତର ସ୍ରଷ୍ଟା କିଏ ?

| | | | |
|---|---|---|---|
| (i) | ବଳରାମ ଦାସ | (iii) | ଯଶୋବନ୍ତ ଦାସ |
| (ii) | ଜଗନ୍ନାଥ ଦାସ | (iv) | ଅନନ୍ତ ଦାସ |

(ଙ) 'ବୈଦେହୀଶ ବିଳାସ' କାବ୍ୟର କବି କିଏ ?

| | | | |
|---|---|---|---|
| (i) | ଦୀନକୃଷ୍ଣ ଦାସ | (iii) | କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ |
| (ii) | କବି ଯଦୁମଣି | (iv) | ଅଭିମନ୍ୟୁ ସାମନ୍ତ ସିଂହାର |

(ଚ) ସାରଳା ଦାସଙ୍କ ସମୟରେ ଉତ୍କଳର ଗଜପତି କିଏ ଥିଲେ ?

| | | | |
|---|---|---|---|
| (i) | ଗଜପତି କପିଳେନ୍ଦ୍ର ଦେବ | (iii) | ଗଜପତି ପ୍ରତାପରୁଦ୍ର ଦେବ |
| (ii) | ଗଜପତି ଦିବ୍ୟସିଂହ ଦେବ | (iv) | ଗଜପତି ପୁରୁଷୋତ୍ତମ ଦେବ |

(ଛ) ମାଳିକାକାର ଭାବେ କେଉଁ କବି ପ୍ରସିଦ୍ଧ ?

| | | | |
|---|---|---|---|
| (i) | ରାଘବ ଦାସ | (iii) | ଦନାଇ ଦାସ |
| (ii) | ଅଚ୍ୟୁତାନନ୍ଦ ଦାସ | (iv) | ଧନଞ୍ଜୟ ଭଞ୍ଜ |

(ଜ) ଆମ ଭାରତରେ କେଉଁ ଯୁଗରୁ ବିଶ୍ୱଭ୍ରାତୃତ୍ୱ ପ୍ରଚାରିତ ହୋଇ ଆସିଅଛି ?

| | | | |
|---|---|---|---|
| (i) | ସତ୍ୟ ଯୁଗ | (iii) | ବୈଦିକ ଯୁଗ |
| (ii) | ପଞ୍ଚସଖା ଯୁଗ | (iv) | ସଙ୍ଗୀତ ଯୁଗ |

(ଝ) ମଣିଷ ସଂସାରରେ ଜନ୍ମନେବା ସହିତ କାହାକୁ ସାଙ୍ଗରେ ଧରି ଆସିଥାଏ ?

| | | | |
|---|---|---|---|
| (i) | ଧନ | (iii) | ଭାଗ୍ୟଲିପି |
| (ii) | ପରିବାର | (iv) | କ୍ଷମତା |

(ଞ) କେଉଁମାନଙ୍କ ମତରେ ଭାଗ୍ୟଗଣନା ନିହାତି ମିଛ କଥା ?

| | | | |
|---|---|---|---|
| (i) | ଦେଶଦ୍ରୋହୀ | (iii) | ଆତଙ୍କବାଦୀ |
| (ii) | କ୍ରାନ୍ତିକାରୀ | (iv) | ସାଧୁ |

8. ସପ୍ରସଙ୍ଗ ସରଳାର୍ଥ ଲେଖ । (5)

''କର୍ମ ଜୀବନ କର୍ମ ଧରମ
କର୍ମ ମୋ ନମୋ ନମଃ''

**କିମ୍ବା**

''ସହିହେବ ଶତ ସନ୍ତାନ-ଶୋକ ! ରହିଛି ରହିବ ପ୍ରାଣ !
ସକଳ ଶୋକରୁ ବଳି ଅସହ୍ୟ ଆତ୍ମାର ଅପମାନ'' ।

୨. ପ୍ରଶ୍ନ ଗୁଡ଼ିକର ସଠିକ୍ ଉତ୍ତର - ଉତ୍ତର ପର୍ଯ୍ୟାୟରୁ ବାଛି ଲେଖ । (1x 8 = 8)

(କ) 'ସନ୍ତାନର ଉକ୍ତି' କବିତାର କବି କିଏ ?

(i) ଉତ୍କଳମଣି ଗୋପବନ୍ଧୁ (iii) ଉତ୍କଳଭାରତୀ କୁନ୍ତଳା କୁମାରୀ

(ii) ଉତ୍କଳଗୌରବ ମଧୁସୂଦନ (iv) ଉତ୍କଳଘଣ୍ଟ ଯଦୁମଣି

(ଖ) ବୀର ପ୍ରସବିନୀ ବୋଲି କବି କାହାକୁ ସମ୍ବୋଧନ କରିଛନ୍ତି ?

(i) କୈକେୟୀ (iii) ଉତ୍କଳ ଜନନୀ

(ii) ମନ୍ଦୋଦରୀ (iv) ଉତ୍ତରା

(ଗ) କିସ୍‌ସାଗୌତମୀଙ୍କୁ କେଉଁ ଦ୍ରବ୍ୟ ମୁଠାଏ ତ ଦୂରର କଥା ଗୋଟିଏ ମଧ୍ୟ ମିଳିଲା ନାହିଁ ?

(i) ସୋରିଷ (iii) ବିରି

(ii) ମୁଗ (iv) ହରଡ଼

(ଘ) ସଦ୍ୟସନ୍ତାନ ହରା ଜନନୀ ନୟନରୁ କ'ଣ ବହି ଯାଉଛି ?

(i) ନୀର (iii) ନିଆଁ

(ii) ଲୁହ (iv) ବାରି

(ଙ) କେଉଁଠୁ ବାହୁଡ଼ି ଆସି ହୁଏ ନାହିଁ ?

(i) ବିଦେଶରୁ (iii) ମଙ୍ଗଳ ଗ୍ରହରୁ

(ii) ରାଜଧାନୀରୁ (iv) ଶ୍ମଶାନ ପୁରରୁ

(ଚ) 'ଶ୍ରମିକର ଭଗବାନ' କବିତାରେ ବିପଦବଂଧୁ ବୋଲି କାହାକୁ କୁହାଯାଇଛି ?

(i) ପଡ଼ୋଶୀଙ୍କୁ (iii) ଭଗବାନଙ୍କୁ

(ii) ଛାତ୍ରସମାଜକୁ (iv) ନାରୀମାନଙ୍କୁ

(ଛ) ଧର୍ମ ଦେବତା କିଏ ?

(i) ସୂର୍ଯ୍ୟ (iii) ବରୁଣ

(ii) ଇନ୍ଦ୍ର (iv) ଅଗ୍ନି

(ଜ) ଶ୍ରମିକ ବେଉଷଣ ସାରି କେତେବେଳେ ଘରକୁ ଫେରେ ?

(i) ରାତି ଅଧରେ (iii) ସୂର୍ଯ୍ୟାସ୍ତରେ

(ii) ପ୍ରତ୍ୟୁଷରେ (iv) ଧୂ ଧୂ ଖରାରେ

10. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ସଂକ୍ଷେପରେ ଦିଅ । (5)

(i) ଖାଇବା ଟେବୁଲ୍‌ରେ ବସି ଜଲିର ମାଂସ ଖାଇଲାବେଳେ ଜମିଦାରବାବୁଙ୍କ ମନରେ କି ପ୍ରତିକ୍ରିୟା ସୃଷ୍ଟି ହେଲା ?

(ii) ''ତା' ଠାରୁ ବିଦାୟ ନେବାର ଶକ୍ତି, ସାହସ ମୋ'ର ଯେପରି ନଥିଲା'' - ଗାଳ୍ପିକ ଏପରି କହିବାର ଉଦ୍ଦେଶ୍ୟ କ'ଣ ?

(iii) ଶ୍ରୀହରି ଓ ଆନନ୍ଦଙ୍କ ଭୋଜନ ସମୟରେ କି ଧରଣର ବିଭ୍ରାଟ ହେଲା, ଆଲୋଚନା କର ।

***